## ପିଇବା ପାଣି ସମସ୍ୟା

# ଏନ୍‌ଏଚ୍ ଅବରୋଧ କରି ଆଦିବାସୀ ମହିଳାଙ୍କ ପ୍ରତିବାଦ



ମାଲକାନଗିରି, ୨୭।୫(ସମିସ): ତୀବ୍ର ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାଣି ଟୋପାଏ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି ମାଲକାନଗିରି ସହର ଉପକଣ୍ଠ ଚମ୍ପାଖାରି ଗ୍ରାମରେ। ସତିଗୁଡା ଜଳ ଭଣ୍ଡାର ନିକଟରେ ଗାଁ ଥିଲେ ମଧ୍ୟ ଏଠାରେ ଦୀର୍ଘ ଦିନ ଧରି ପିଇବା ପାଣିର ଘୋର ସମସ୍ୟା ଲାଗି ରହିଛି। ସହରବାସୀଙ୍କ ଶୋଷ ମେଣ୍ଟାଉଥିବା ସତିଗୁଡା ଡ୍ୟାମର ପାଣି ଗ୍ରାମବାସୀଙ୍କ ପାଖକୁ ଏପର୍ଯ୍ୟନ୍ତ ପହଞ୍ଚିପାରିନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଗ୍ରାମରେ ପ୍ରାୟ ୧୪୫ଟି ପରିବାର ବସବାସ କରୁଥିବା ବେଳେ ସମଗ୍ର ଗାଁ ପାଇଁ ମାତ୍ର ଗୋଟିଏ ନଳକୂପ ହିଁ ଭରସା ପାଲଟିଛି। ପ୍ରତିଦିନ ପାଣି ସଂଗ୍ରହ ପାଇଁ ମହିଳାମାନେ ଗରା ଓ ବାଲ୍ଟି ଧରି ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। ଗ୍ରାମକୁ ପାଇପ୍ ଯୋଗେ ଡ୍ୟାମ ପାଣି ଯୋଗାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ପ୍ରଶାସନର ଉଦାସୀନତାର ପ୍ରତିବାଦରେ ଆଜି ଗ୍ରାମର ମହିଳାମାନେ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଗରା ଓ ମାଠିଆ ରଖି ରାସ୍ତା ଅବରୋଧ କରିଥିଲେ। ଏହାଫଳରେ କିଛି ସମୟ ପାଇଁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୁଲିସ ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ସେମାନଙ୍କୁ ବ୍ଲକ କାର୍ଯ୍ୟାଳୟକୁ ନେଇ ଆଲୋଚନା କରାଯାଇଥିଲା। ମାଲକାନଗିରି ବିଡିଓ ତପନ କୁମାର ସେନାପତି ଖୁବ୍‌ଶୀଘ୍ର ଗ୍ରାମର ପାଣି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଗ୍ରାମବାସୀ ଉର୍ମିଳା ଦଳେଇ, ମାଧୁରି ଖିଲ ଓ ପ୍ରମିଳା ଦୋରା କହିଛନ୍ତି, ତୁରନ୍ତ ଗ୍ରାମକୁ ପାଇପ ଯୋଗେ ପାଣି ସୁବିଧା କରାନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।

## ● ବିଷମ କଟକରେ ଟ୍ରେନ୍ ରହଣି ଦାବି

# ନାଗରିକ ମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ବିଷମ କଟକ,୨୭।୫(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ନାଗରିକ ମଞ୍ଚ ତରଫରୁ ବିଷମ କଟକ ରେଳ ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ୍ ରହିଣି ନିମନ୍ତେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପୂର୍ବତଟ ରେଳବାଇ ଜୋନ ମହାପ୍ରବନ୍ଧକଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ବିଷମ କଟକ ଷ୍ଟେସନ ମାଷ୍ଟର ବିଜୟ କୁମାରଙ୍କୁ ପ୍ରଦାନ କରାଯାଇଛି। ବିଷମ କଟକ ନାଗରିକ ମଞ୍ଚ ପକ୍ଷରୁ ପୁରୀ-କୋରାପୁଟ ଏକ୍ସପ୍ରେସ୍, କୋରବା ଏକ୍ସପ୍ରେସ୍, ସମତା ଏକ୍ସପ୍ରେସ୍ ଏବଂ ସମଲେଶ୍ୱରୀ ଏକ୍ସପ୍ରେସ୍‌କୁ ବିଷମ କଟକ ଷ୍ଟେସନ୍‌ଠାରେ ରହଣି ପାଇଁ ଦାବି କରିଛି। ଏଥି ସହିତ ବିଷମ କଟକ ଷ୍ଟେସନ୍‌ରେ ଅନଲାଇନ୍ ଟିକଟ ପ୍ରଦାନ ସୁବିଧା ଆରମ୍ଭ କରିବା ସହ ପ୍ରସ୍ତାବିତ ଗୋପାଳପୁର ରାୟଗଡା ଟ୍ରେନ୍ ଲାଇନ୍‌କୁ ବିଷମ କଟକ ଅଥବା ମୁନିଗୁଡା ଠାରେ ସଂଯୋଗ କରିବା ଭଳି ଦାବି ରହିଛି। ଏହି ଏକ୍ସପ୍ରେସ୍ ଟେନ୍ ଗୁଡିକ ବିଷମ କଟକ ଷ୍ଟେସନ୍‌ରେ ରହିଲେ, ଅଞ୍ଚଳବାସୀଙ୍କ ଗମନାଗମନ ସହିତ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ବେଶ ସହାୟକ ହେବ। ବର୍ତ୍ତମାନ ସପ୍ତାହକୁ ତିନିଦିନିଆ ପୁରୀ-କୋରାପୁଟ ୧୮୪୦୭/୧୮୪୦୮ ଏକ୍ସପ୍ରେସ୍ ଟ୍ରେନର ବିଷମ କଟକ ରେଳ ଷ୍ଟେସନରେ ରହଣି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ବିଷମ କଟକ ବିକାଶ ମଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ, ମକରଧ୍ୱଜ ଉତରାସିଲି, ଦେବୀ ପ୍ରସାଦ ପଟ୍ଟନାୟକ, ଡି.ଶିବପ୍ରସାଦ, ଶିବ ପ୍ରସାଦ ନରେନ୍ଦ୍ର, ଅନିଲ କୁମାର, ଉଦୟ ଲାବଲା, ଶ୍ରୀନିବାସ , ଜଗନ୍ନାଥ ଦାଶ, ବାବୁନି ପଟ୍ଟନାୟକ, ରମେଶ ନାଲା, ବଡ଼ କୁମାର ଗୌଡ, ଅଜୟ କୁମାର ଦାଶଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଏସ୍‌ଆଇଆର ପ୍ରାକ୍ ଖସଡ଼ା ପ୍ରଶିକ୍ଷଣ ଶିବିର



ଚନ୍ଦ୍ରପୁର,୨୭।୫(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ସଦ୍‌ଭାବନା ଗୃହରେ ସ୍ୱତନ୍ତ୍ର ସଂକ୍ଷିପ୍ତ ପ୍ରାକ୍ ଖସଡ଼ା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ସୁପର ଭାଇଜର ୪ ଜଣ, ବିଏଲଓ ୩୫ ଜଣ ଅଂଶ ଗ୍ରହଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବୋଙ୍ଗାଲଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ ସମୟରେ ଶ୍ରୀ ବୋଙ୍ଗାଲ, ନାମ, ଗ୍ରାମ ଗଣନା ସମୟରେ କିପରି ସଠିକ ଭାବେ ପୂରଣ କରାଯିବ, ବୁଥସ୍ତରୀୟ ଅଧିକାରୀ, ବୁଥ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ କହିଥିଲେ। ଏଥି ସହିତ ଏସଆଇଆର ପ୍ରକ୍ରିୟାର ବିଭିନ୍ନ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ସମସ୍ତଙ୍କୁ ବୁଝାଇବା ସହ ସୂଚାରୁ ରୂପେ କାର୍ଯ୍ୟ କରିବା ଓ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ଏହି ଶିବିରରେ ଜିପିଡିଓ ପ୍ରଫୁଲ କୁମାର ସାହୁ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତି, ପିଓ ରାଜେନ୍ଦ୍ର ପାଳ ଉପସ୍ଥିତ ଥିଲେ।

# ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

ରାୟଗଡ଼,୨୭।୫(ସମିସ): ପାରିବାରିକ କନ୍ଦଳକୁ କେନ୍ଦ୍ର କରି ନିଜ ପତ୍ନୀଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ହତ୍ୟା କରିବା ମାମଲାର ବିଚାରଣା କରି ଆଜି ରାୟଗଡ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଲ୍ପନା ସ୍ୱାଇଁ ଅଭିଯୁକ୍ତ କୃଷ୍ଣ ମାଝିକୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକା ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ୍ ନିଜ ରାୟରେ ପ୍ରକାଶ କରିଛନ୍ତି। ସୂଚନାରୁ ଜଣାପଡିଛି ଯେ, ଗତ ୩୦ ତାରିଖରେ ପାରିବାରି କନ୍ଦଳକୁ କେନ୍ଦ୍ର କରି ବିଳମ୍ବିତ ରାତିରେ କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଚଣାପୁକେଲ ଗ୍ରାମର କୃଷ୍ଣ ମାଝି ନିଜ ପତ୍ନୀ ହକା ମାଝିଙ୍କୁ ଏକ ଟାଙ୍ଗିଆ ସାହାଯ୍ୟରେ ବେକ ଏବଂ ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହକା ମାଝିଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ହକା ମାଝିଙ୍କ ଭାଇ ଗୋପାଳ ମାଝି ଟିକିରି ଥାନାରେ ଭଉଣୀକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୃଷ୍ଣ ମାଝିଙ୍କୁ ଗିରଫ କରିଥିଲା। ଏହି ହତ୍ୟା ଘଟଣାରେ ୨ଜଣ ପ୍ରତ୍ୟେକ୍ଷଦର୍ଶୀଙ୍କ ସହ ମୋଟ ୧୫ ଜଣ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ରାୟଗଡ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଲ୍ପନା ସ୍ୱାଇଁ ଆଇପିସି ୩୦୨ ଧାରାରେ ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ମାମଲା ପରିଚାଳନା କରୁଥିଲେ।

## ● ନୂଆ ଏସ୍‌ପି ରାଜ ପ୍ରସାଦଙ୍କ ଦାୟିତ୍ୱ ଗ୍ରହଣ

# ଲୋକଙ୍କ ଭରସା ଜିତିବାକୁ ପ୍ରାଥମିକତା: ଏସ୍‌ପି



ରାୟଗଡ଼,୨୭।୫(ସମିସ): ରାୟଗଡ ଜିଲ୍ଲାର ନୂତନ ପୋଲିସ ଆରକ୍ଷୀ ଅଧୀକ୍ଷକ ଆଇପିଏସ ରାଜ ପ୍ରସାଦ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଏସପି ସ୍ୱାତୀ ଏସ.କୁମାରଙ୍କ ଠାରୁ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ଆହୁରି ସୁଦୃଢ କରିବା ସହ ଲୋକଙ୍କ ଭରସା ଜିତିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି ନୂତନ ଏସପି ରାଜ ପ୍ରସାଦ। ଆଜି ରାୟଗଡ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଏକ ସରଳ କାର୍ଯ୍ୟକ୍ରମ ମଧ୍ୟରେ ନୂତନ ଏସପି ଭାବେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି, ଡିଏସପି, ଇନ୍ସପେକ୍ଟର ଓ ଅନ୍ୟ ପୁଲିସ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନୂତନ ଏସ୍‌ପିଙ୍କୁ ସ୍ୱାଗତ କରିଥିଲେ। ଏସ୍‌ପି ରାଜ ପ୍ରସାଦ ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲାରେ ଶାନ୍ତି ଓ ଆଇନ ଶୃଙ୍ଖଳା ରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ସେହିପରି ଶିଶୁ ଓ ମହିଳା ସୁରକ୍ଷା, ପାଟ୍ରୋଲିଂ ବ୍ୟବସ୍ଥା, ରାୟଗଡ ସହରରେ ସିସିଟିଭି ବ୍ୟବସ୍ଥା ପୁନଃପରିଚାଳନା, ସାଇବର ଅପରାଧ ରୋକିବା, ଜିଲ୍ଲାରେ ଅପରାଧିକ ମାମଲାକୁ ହ୍ରାସ କରିବା, ଟ୍ରାଫିକ୍ ନିୟମକୁ କଡାକଡି ପାଳନ କରିବା, ଆର୍ମସ ଆକ୍ଟ ସମ୍ବନ୍ଧୀୟ ମାମଲାକୁ ଗୁରୁତ୍ୱ ଦିଆଯାଇ କିଭଳି ଭାବେ ବନ୍ଧୁକ, ପିସ୍ତଲ ଆଦି ଅପରାଧୀଙ୍କ ପାଖରେ ପହଞ୍ଚୁଛି, ସେ ମାମଲା ଉପରେ ଅଧିକ ଦୃଷ୍ଟି ଦେଇ ତାହାକୁ ନିୟନ୍ତ୍ରଣ କରିବା ଏବଂ ଜନସାଧାରଣଙ୍କ ସହ ପୋଲିସର ସମନ୍ୱୟକୁ ଆହୁରି ମଜବୁତ କରାଯିବ ବୋଲି ନୂତନ ଏସ୍‌ପି ରାଜ ପ୍ରସାଦ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲାବାସୀଙ୍କ ସହଯୋଗରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ପୋଲିସ କାର୍ଯ୍ୟ କରିବ ବୋଲି ଏସପି କହିଛନ୍ତି। ଆଜି ଦାୟିତ୍ୱ ଗ୍ରହଣ ପୂର୍ବରୁ ଏସ୍‌ପି ରାଜ ପ୍ରସାଦ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସହିତ ରାୟଗଡର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ସୂଚନାଯୋଗ୍ୟ ଯେ, ଏସ୍‌ପି ରାଜ ପ୍ରସାଦ ଜିଲ୍ଲାରେ ଗତ ୨୦୨୩ ମସିହାରେ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଏଏସପି ଭାବେ ଦାୟିତ୍ୱ ତୁଲାଇ ଅନ୍ୟ ଜିଲ୍ଲାକୁ ଏସ୍‌ପି ଭାବେ ବଦଳି ହୋଇଥିଲେ।

# ବଣ୍ଡାଘାଟିରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ମାଲକାନଗିରି,୨୭।୫(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର ଅଣ୍ଡ୍ରାହାଲ ପଞ୍ଚାୟତର ଡୁମୁରିପଡ଼ା ଗ୍ରାମରେ ଆୟୋଜିତ ସୀମିତ ଓଭର ବିଶିଷ୍ଟ ୧୦ମ ଡକ୍ଟର ଆଲେକ୍ସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ସମ୍ପନ୍ନ ହୋଇଯାଇଛି। ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ବଡପଡ଼ା ଓ ଡୁମୁରିପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ରୋମାଞ୍ଚକର ମୁକାବିଲା ଦର୍ଶକମାନଙ୍କ ମନକୁ ବେଶ୍ ଆକର୍ଷିତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବଡପଡ଼ା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮୫ ରନ୍ ସଂଗ୍ରହ କରିଥିଲେ। ପରେ ଲକ୍ଷ୍ୟକୁ ପିଛା କରିଥିବା ଡୁମୁରିପଡ଼ା ଦଳ ସୁନ୍ଦର ପ୍ରଦର୍ଶନ କରି ମାତ୍ର ୯ ଓଭରରେ ୨ ୱିକେଟ୍ ବିନିମୟରେ ବିଜୟ ହାସଲ କରି ଚ୍ୟାମ୍ପିଅନ୍ ହୋଇଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା ଭାବନା ଓ ଏକତାର ସନ୍ଦେଶ ଦେଇଥିଲେ। ବିଧାୟକଙ୍କୁ ଡୁମୁରିପଡ଼ା ଆୟୋଜକ ଦଳ ପକ୍ଷରୁ ପାରମ୍ପରିକ ବଣ୍ଡା ନୃତ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନଙ୍କୁ ବିଧାୟକ ଶୁଭେଚ୍ଛା ଜଣାଇବା ସହ ଉତ୍କୃଷ୍ଟ ଖେଳ ପାଇଁ ପ୍ରଶଂସା କରିଥିଲେ। ଶେଷରେ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ବଣ୍ଡାଘାଟିରେ କ୍ରୀଡାପ୍ରତିଭାକୁ ଆଗକୁ ଆଣିବା, ଭାଇଚାରା ଓ ସାମୁଦାୟିକ ଏକତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲା।

# ଓସିଏସ୍‌ରେ ଚନ୍ଦ୍ରପୁର ପୂର୍ବତନ ଥାନା ଅଧିକାରୀଙ୍କ ଝିଅର ସଫଳତା



ଚନ୍ଦ୍ରପୁର,୨୭।୫(ସମିସ): ଓଡିଶା ପ୍ରଶାସନିକ ସେବାରେ ଚନ୍ଦ୍ରପୁର ଥାନାର ପୂର୍ବତନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କ ଝିଅ ମୋନାଲିସା ବେହେରା ୯୪ ର୍‍ୟାଙ୍କ ହାସଲ କରିଛନ୍ତି। ସେ କୋଟପାଡ ସରସ୍ୱତୀ ବିଦ୍ୟାମନ୍ଦିରରେ ଦଶମ, ବ୍ରହ୍ମପୁର ନୀଳକଣ୍ଠ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ +୨ ଓ ବିଜେବି କଲେଜରେ ବିଏସ୍‌ସି ପଢ଼ିଥିଲେ। ପରୀକ୍ଷା ଫଳ ପ୍ରକାଶ ପରେ ପରିବାରରେ ଆନନ୍ଦର ଲହରୀ ଖେଳି ଯାଇଛି। ଓଏସ ପରୀକ୍ଷାରେ ପ୍ରଥମ ଥର ବିଫଳ ହୋଇ ନିରାଶ ହୋଇ ପଡ଼ିଥିଲେ। ବାପା ପ୍ରଶାନ୍ତ ସେଠୀ ଓ ମା' ମମତା ବେହେରା ଦ୍ୱିତୀୟ ଥର ପରୀକ୍ଷା ଦେବା ପାଇଁ ଉତ୍ସାହିତ କରିବା ସହିତ ପରୀକ୍ଷା ଦେବା ପାଇଁ ଆଗ୍ରହ ସୃଷ୍ଟି କରାଇଥିଲେ। ସେ ପ୍ରତିଦିନ ୬ରୁ ୭ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ସେ ମା' ମମତା ବେହେରାଙ୍କୁ ଦେଇଛନ୍ତି।

# ସରପଞ୍ଚ ଥାଇ ସରକାରୀ ସଂସ୍ଥାରେ ଚାକିରି

## ଦୁଇଟି କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ



ମାଲକାନଗିରି, ୨୭।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ପଞ୍ଚାୟତର ସରପଞ୍ଚ ପଦ୍ମା ମାଡକାମୀଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଅଭିଯୋଗ ଅନୁଯାୟୀ, ସେ ଏକପଟେ ସରପଞ୍ଚ ପଦରେ ରହିଥିବା ବେଳେ ଅନ୍ୟପଟେ ମାଲକାନଗିରି ସଦର ମହକୁମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ ଭାବେ ସରକାରୀ ସଂସ୍ଥାରେ ଚାକିରି କରୁଛନ୍ତି। ସୂଚନା ଅନୁସାରେ, ପଦ୍ମା ମାଡକାମୀ ଚଳିତ ମାସ ୧ ତାରିଖରେ ଆଟେଣ୍ଡାଣ୍ଟ ପଦବୀରେ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ସେ ଏପର୍ଯ୍ୟନ୍ତ ସରପଞ୍ଚ ପଦରୁ ଇସ୍ତଫା ଦେଇନଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଏନେଇ ମାଲକାନଗିରି ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ କହିଛନ୍ତି ଯେ, ଜଣେ ବ୍ୟକ୍ତି ଦୁଇଟି ସ୍ଥାନରୁ ସରକାରୀ ସୁବିଧା ନେଇ ପାରିବେ ନାହିଁ। ଯଦି ଏପରି ଘଟଣା ସତ୍ୟ ଥାଏ, ତେବେ ଗୋଟିଏ ପଦବୀରୁ ଇସ୍ତଫା ଦେବାକୁ ପଡିବ। ଘଟଣାକୁ ନେଇ ପଦ୍ମା ମାଡକାମୀଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ କିଛି କହିବାକୁ ମନା କରିଦେଇଥିଲେ। ଏହି ଘଟଣା ପରେ ପଞ୍ଚାୟତ ସହ ଜିଲ୍ଲାରେ ଚର୍ଚ୍ଚା ବଢ଼ିଥିବା ବେଳେ ଏଦିଗରେ ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ସାଂସଦଙ୍କ ଆଇଟିଡିଏ ପ୍ରତିନିଧି ନିଯୁକ୍ତ



ନନ୍ଦପୁର,୨୭।୫ (ସମିସ): କୋରାପୁଟ ଲୋକସଭା କ୍ଷେତ୍ରର ସାଂସଦଙ୍କ ପକ୍ଷରୁ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ) କୋରାପୁଟର ବୈଠକ ମାନଙ୍କରେ ଯୋଗଦେବା ପାଇଁ ଦେବେନ୍ଦ୍ର ଖେମୁଣ୍ଡୁଙ୍କୁ ସାଂସଦ ପ୍ରତିନିଧି ଭାବେ ନିଯୁକ୍ତ କରାଯାଇଛି। ଏନେଇ ୧୯ ମଇ ୨୦୨୬ ତାରିଖରେ ଏକ ଆଧିକାରିକ ପତ୍ର ଜାରି ହୋଇଥିବା ଜଣାପଡ଼ିଛି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସାଂସଦଙ୍କ ଅନୁପସ୍ଥିତି ସମୟରେ ଶ୍ରୀ ଖେମୁଣ୍ଡୁ ଆଇଟିଡିଏ କୋରାପୁଟର ବିଭିନ୍ନ ବୈଠକ ଓ ସମ୍ବନ୍ଧିତ କାର୍ଯ୍ୟବିଧିରେ ସାଂସଦଙ୍କ ପ୍ରତିନିଧି ଭାବେ ଅଂଶଗ୍ରହଣ କରିବେ। ଏହି ଅନୁମୋଦନ କେବଳ ଆଇଟିଡିଏ ସମ୍ବନ୍ଧୀୟ ବୈଠକ ଓ କାର୍ଯ୍ୟ ପାଇଁ ପ୍ରଯୁଜ୍ୟ ହେବ ବୋଲି ସ୍ପଷ୍ଟ କରାଯାଇଛି। ଏହାସହ ଦେବେନ୍ଦ୍ର ଖେମୁଣ୍ଡୁଙ୍କୁ କୋରାପୁଟ ନିର୍ବାଚନମଣ୍ଡଳୀ ପକ୍ଷରୁ ସାଂସଦ ପ୍ରତିନିଧି ଭାବେ ଆଇଟିଡିଏ ବୈଠକରେ ଯୋଗଦେବାକୁ ଅନୁମତି ଦେବା ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।

# ଚାଟିକୋଣାରେ ରବି ଧାନମଣ୍ଡି ଉଦ୍‌ଘାଟିତ




ବିଷମ କଟକ,୨୭।୫(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ୍‌ରେ ଆରମ୍ଭ ହେଲା ରବି ଧାନ ମଣ୍ଡି। ବୁଧବାର ଦିନ ଚାଟିକୋଣା ଆରଏମ୍‌ସି ୟାଡ ପରିସରରେ ରବି ଧାନମଣ୍ଡିର ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ଯୋଗ ଦେଇ ମଣ୍ଡିର ଶୁଭ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପର୍ବରେ ବିଷମ କଟକ ବ୍ଲକ ଯୋଗାଣ ଅଧିକାରୀ ଧିରେନ୍ କୁମାର ସାହୁ, ଲ୍ୟାମ୍ପସ ଶାଖା ପରିଚାଳକ ସାନ୍ତୁନୁ କୁମାର ସାହୁ, ଆର୍‌ଏମ୍‌ସି କର୍ମଚାରୀ ଓ ଚାଷୀ ମାନେ ଉପସ୍ଥିତି ଥିଲେ। ଚଳିତ ରବି ମଣ୍ଡିରେ ସମୁଦାୟ ୨୦ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୯ ଜଣ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ନିମନ୍ତେ ଟୋକନ୍ ଆସିଛି। ଉଦ୍‌ଘାଟନୀ ଦିନରେ ଏହି ମଣ୍ଡିରେ କୌଣସି ଧାନ କିଣାଯାଇନାହିଁ। ବିଷମ କଟକ ବ୍ଲକ୍‌ର ମାତ୍ର ୩ଟି ମିଲ କଷ୍ଟମ ମିଲିଙ୍ଗ ନିମନ୍ତେ ସରକାରଙ୍କ ଠାରୁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।

# ଜିଲ୍ଲାପାଳଙ୍କ ବୈପାରୀଗୁଡା ଗସ୍ତ



ବୈପାରୀଗୁଡ଼ା,୨୭।୫(ସମିସ) କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ୍ ମହାଜନ ନିୟମିତ ଭାବେ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଏବଂ ଜନ ଅଭିଯୋଗ ଶୁଣାଣି କରୁଥିବା ବେଳେ ଗତକାଲି ବୈପାରୀଗୁଡାର ବିଭିନ୍ନ ସ୍ଥାନ ଗସ୍ତ କରିଛନ୍ତି । ବୈପାରୀଗୁଡା ବ୍ଲକର ଭାଲୁଗୁଡା ଠାରେ ହସ୍ତତନ୍ତ ବୁଣାକାରଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ସମସ୍ୟା ପଚାରି ବୁଝିଲେ। ଏଥିସହ ଭାଲୁଗୁଡା ଠାରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ । ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଛତୁ ଚାଷର ଉନ୍ନତି ପାଇଁ ବ୍ୟବସ୍ଥା କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହା ପରେ କେନ୍ଦୁଗୁଡା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରକ କରିଛନ୍ତି । ଶେଷରେ ସ୍ଥାନୀୟ ବୈପାରୀଗୁଡା ହାଇସ୍କୁଲ ବିଦ୍ୟାଳୟରେ ପହଞ୍ଚି ଅନୁଷ୍ଠାନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଗାମୀ ଦିନରେ ପୁରୁଣା କୋଠା ଭାଙ୍ଗିବା ସହ ନୂତନ କୋଠା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ସେହିପରି ଖେଳ ପଡିଆର ଉନ୍ନତିକରଣ, ଅର୍ଦ୍ଧ ନିର୍ମିତ ଗୃହ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ସିଡିଓ ବେଣୁଧର ସବର, ଭାରପ୍ରପ୍ତ ବିଡିଓ ଶକ୍ତି ମହାପାତ୍ର, ସହକାରୀ ଯନ୍ତ୍ରୀ ଖିରୋଦ ଚନ୍ଦ୍ର ବେହେରା, କନିଷ୍ଠ ଯନ୍ତ୍ରୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତି ଥିଲେ।

# ତେଲ ଦର ବୃଦ୍ଧି ନେଇ ବିଜେଡିର ବିକ୍ଷୋଭ




ପଦ୍ମପୁର,୨୭।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବିଜେଡି ସଂଗଠନ ପକ୍ଷରୁ ଆଜି ଅପରାହ୍ନରେରେ ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ ଆଜି ପଦ୍ମପୁର ବ୍ଲକ ବିଜେଡିର ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ନେଇ ବିଜେଡି ସଂଗଠନ ପକ୍ଷରୁ ପଦ୍ମପୁରର ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ନିକଟରୁ ଏକ ଶୋଭାଯାତ୍ରା ଯାଇ ଭାରତ ପେଟ୍ରୋଲ ପମ୍ପ ନିକଟ ପର୍ଯ୍ୟନ୍ତ ପହଞ୍ଚି ଥିଲା। ଏହି ଶୋଭାଯାତ୍ରାରେ ଡବଲ୍ ଇଞ୍ଜିନ ସରକାରଙ୍କ ଡବଲ୍ ଦରବୃଦ୍ଧିକୁ ନେଇ କଡ଼ା ସମାଲୋଚନା କରାଯାଇଥିଲା। ଏହି ସମୟରେ ବିଜେଡି ସଂଗଠନ ପକ୍ଷରୁ ନେତାମାନେ ପଦ୍ମପୁରରେ ପେଟ୍ରୋଲ୍, ଡିଜେଲର ଅହେତୁକ ଦରବୃଦ୍ଧି, ରନ୍ଧନ ଗ୍ୟାସର କୃତ୍ରିମ ଅଭାବ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ ବିଜେଡିର ନେତୃବୃନ୍ଦ ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ଶୋଭାଯାତ୍ରାରେ ଗୁଣପୁରର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ବିଜେଡ଼ି ଛାତ୍ର ସଂଗଠନ ସଭାପତି ପିଙ୍କୁ ପଣ୍ଡା, ପ୍ରଶାନ୍ତ ଦଳେଇ, ମହେଶ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ, ରବିନାରାୟଣ ଆଚାର୍ଯ୍ୟ, ନେତ୍ରାନନ୍ଦ ଶବର, ଦେବେନ୍ଦ୍ର ପାଢ଼ୀ, ଚନ୍ଦନ ସାହୁଙ୍କ ସହ ଶତାଧିକ ବିଜେଡି କର୍ମୀ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ସରକାର ଯଦି ଖୁବଶୀଘ୍ର ଦରଦାମ୍ ନିୟନ୍ତ୍ରଣ ନ କରନ୍ତି ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ନେତା ମାନେ ମତବ୍ୟକ୍ତ କରିଛନ୍ତି।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଆବେଦନ

ନବରଙ୍ଗପୁର,୨୭।୫(ସମିସ):

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନିମନ୍ତେ ଆବେଦନ/ନାମାଙ୍କନ ଆହ୍ୱାନ କରାଯାଉଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୫ ବର୍ଷ ପାଇଁ "ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର" ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ଯୋଗ୍ୟ ବ୍ୟକ୍ତି/ସଂସ୍ଥାଙ୍କଠାରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ/ନାମାଙ୍କନ ଆହ୍ୱାନ କରାଯାଇଛି। ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପଜିଲ୍ଲାପାଳ, ସମସ୍ତ ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡା ସଂଘର ସଚିବଙ୍କୁ ଏହି ସୂଚନାର ବ୍ୟାପକ ପ୍ରଚାର ପାଇଁ ଅନୁରୋଧ କରାଯାଇଛି। ଯାହାଦ୍ୱାରା ଯୋଗ୍ୟ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ା ସଂଗଠକମାନେ ଆବେଦନ କରିପାରିବେ। ଏହି କ୍ରୀଡ଼ା ପୁରସ୍କାର ୮ଟି ବର୍ଗରେ ପ୍ରଦାନ କରାଯିବ। କ୍ରୀଡ଼ା ଓ ଖେଳର ପ୍ରଚାର ପ୍ରସାରରେ ଆଜୀବନ ସାଧନା ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, ବର୍ଷର ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, ପ୍ରଶିକ୍ଷଣରେ ଉତ୍କର୍ଷତା ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ,କ୍ରୀଡ଼ା ପ୍ରଚାର ପ୍ରସାରରେ ଶ୍ରେଷ୍ଠ ଅବଦାନ ପାଇଁ ପୁରସ୍କାର ,କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ପୁରସ୍କାର , ବର୍ଷର ଶ୍ରେଷ୍ଠ ପାରା-କ୍ରୀଡ଼ାବିତ୍ ପୁରସ୍କାର, ବର୍ଷର ଶ୍ରେଷ୍ଠ ଉଦୀୟମାନ ଜୁନିଅର ଆଥଲେଟ୍ ପୁରସ୍କାର, ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହାୟକ କର୍ମଚାରୀ ପୁରସ୍କାର ଭଳି ପୁରସ୍କାର ବିତରଣ କରାଯିବ। ଏଣୁ ଜିଲ୍ଲାର ଯୋଗ୍ୟ କ୍ରୀଡ଼ାବିତ୍ ମାନଙ୍କୁ ବିଭିନ୍ନ ବର୍ଗରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି। ଷଗ୍ରଗ୍ରକ୍ସଗ୍ର://ଗ୍ରକ୍ସକ୍ସକ୍ସଗ୍ରଗ୍ର.କ୍ସୟସଗ୍ରଷବ.ଶକ୍ସଙ୍ଖ.ସଭ ୱେବ୍ ସାଇଟ୍ ରେ ନିର୍ଧାରିତ ଫର୍ମରେ ଆବେଦନ କରିପାରିବେ। ଏହି ଆବେଦନର ଶେଷ ୨୦୨୬ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ରହିଛି।

# ବାଲ୍ୟ ବିବାହର ବର୍ଷକ ପରେ ବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବନ୍ଧୁଗାଁ,୨୭।୫(ସମିସ):



ବନ୍ଧୁଗାଁ ବ୍ଲକ ବଡ଼ସରପଲ୍ଲୀ ପଞ୍ଚାୟତ ସଦର ଗ୍ରାମର ଜଣେ ୧୩ ବୟସ ବୟସ୍କ ବାଳିକା ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ୨୦୨୫ ମସିହାରେ ବଡସରପଲ୍ଲୀ ଗ୍ରାମର ପୂର୍ଣ୍ଣିମା ପିଡିକା (୧୩) ଙ୍କୁ ଭଲ ପାଇ ସେହି ଗ୍ରାମର ସୁରେଶ କାଡ୍ରାକା (୨୦) ପ୍ରେମ ବିବାହ କରିଥିଲେ। ଝିଅ ଜଣେ କିଶୋରୀ ହୋଇ ଥିବାରୁ ସିଡିପିଓ ଗୀତାଞ୍ଜଳୀ ମହାରଣା ଖବର ପାଇ ଗାଁ ରେ ପହଞ୍ଚି ଝିଅର ବାପା ରାମ ପିଡିକା, ପୁଅର ବାପା ଗୋପେୟା କାଡ୍ରାକା, ଗାଁର ମୁଖ୍ୟ ତାମାନା ପିଡିକା (ଭିଲେନ), ୱାର୍ଡ ମେମ୍ବର ଶିବାଜୀ ପିଡିକା, ସମିତି ସଭ୍ୟ ସିନାଜି ପିଡିକା ଓ ଦିଶାରୀ ଦିଶି ପିଡିକା ଓ ଅନ୍ୟ କେତେ ଜଣ ବସି ଝିଅ ପୂର୍ଣ୍ଣିମାଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ବାପା ମାଆଙ୍କ ଘରେ ରହିବାକୁ ଏକ ଆଇନଜିବୀଙ୍କୁ ନେଇ ଲିଖିତ ଭାବେ ସିଡିପିଓଙ୍କୁ ଦେଇଥିଲେ। କିନ୍ତୁ ପରେ ସ୍ୱାମୀ ରାମ ପିଡ଼ିକା ନିଷ୍ପତି ପ୍ରକାରେ ଲିଖିତ ବିଷୟକୁ ଅମାନ୍ୟ କରି ମାତ୍ର ୫ ଦିନ ମଧ୍ୟରେ ନିଜ ବଡ଼ ସ୍ତ୍ରୀକୁ ବାପା ଓ ମାଆଙ୍କ ଘରେ ଓ ସାନ ସ୍ତ୍ରୀ କିଶୋରୀ ଝିଅ ପୂର୍ଣ୍ଣିମାଙ୍କୁ ପୁଅ ଜେଜେ ବାପା ସେମ୍ଭୁ କାଡ୍ରାକା ଓ ମାଆଙ୍କ ଗାଁ ଠାରୁ ଏକ କିମି ଦୂରରେ ଥିବା ଡାଙ୍ଗୁକୁଡ଼ିଆ ଘରେ ରଖି ରହି ଆସୁଥିଲେ। ସିଡିପିଓ ଜାଣିବା ପରେ ମଧ ବାଲ୍ୟ ବିବାହ ରୋକିବା ପାଇଁ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରି ନିରବ ରହି ଯାଇଥିଲେ। କୌଣସି କାରଣରୁ ତିନି ଦିନ ତଳେ କିଶୋରୀ ବାଳିକା ପୂର୍ଣ୍ଣିମା ପିଡିକା ଗାଁରେ ରହୁଥିବା ନିଜ ବାପା ରାମ ପିଡିକାଙ୍କ ଘରେ ଆସି ରହିଥିଲେ। ବୁଧବାର ଦିନ କୌଣସି କାରଣରୁ ସ୍ୱାମୀ ସୁରେଶ ଓ ସ୍ତ୍ରୀ ପୂର୍ଣ୍ଣିମା ସହିତ ଗଣ୍ଡଗୋଳ ହୋଇଥିଲା। ପରେ ପାଖରେ ଥିବା ପୁଅର ବାପା ଗପେୟା କାଡ୍ରାକାଙ୍କ ଘରେ ଝିଅର ଝୁଲନ୍ତା ଶବ ଦେଖିବାକୁ ମିଳିଥିଲା। କିଶୋରୀ ପୂର୍ଣ୍ଣିମା ଝୁଲନ୍ତା ଅବସ୍ଥାରେ ଥିବା ଜାଣିବା ପରେ ସାଉନ୍ତା ତାମାନା ପିଡିକା (ଭିଲେନ୍) ଦୌଡି ଯାଇ ମୃତ ଝିଅର ଝୁଲନ୍ତା ମୃତଦେହ ଆଣି ବାହାରେ ଶୁଆଇ ଦେଇଥିଲେ। ପରେ ମୃତ ଝିଅର ପିତା ମାତା ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ କହି ଆସୁଥିଲେ ମଧ ଗ୍ରାମର ମୁଖିଆ ସମିତି ସଭ୍ୟ ସିନାଜି ପିଡିକା, ସାଉନ୍ତା ତାମାନା ପିଡିକା,ୱାର୍ଡ ମେମ୍ବର ଶିବାଜୀ ପିଡିକା, ଦିଶାରି ବିଶି ପିଡିକା ପ୍ରମୁଖଙ୍କ ନିଷ୍ପତି ପ୍ରକାରେ ଥାନାରେ ଅଭିଯୋଗ ନ ଦେବାକୁ କହି ଶବକୁ ଶ୍ମଶାନକୁ ନେଇ ସଙ୍ଗେ ସଙ୍ଗେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଥାନା ଆଇଆଇସି ସିନ୍ଧୁ ସାରାକାଙ୍କ ପାଖରେ କିଶୋରୀ ବାଳିକାର ମୃତ ଖବର ଜାଣିବା ମିଳିବା ପରେ ଥାନା ଏସଆଇ ଟଙ୍କଧର ନାୟକ ଓ ଷ୍ଟାଫଙ୍କ ସହିତ ଶ୍ମଶାନରେ ପହଞ୍ଚିବା ବେଳକୁ ଲୋକେ ପୁଲିସକୁ ଦେଖି ଦୌଡି ଚାଲିଗଲେ। ପୁଲିସ ଗାଁକୁ ଯାଇ କିଛି ତଥ୍ୟ ସଂଗ୍ରହ କରିଥିଲେ ମଧ ଅଭିଯୁକ୍ତମାନଙ୍କ ସହ ଦେଖା ହୋଇ ପାରି ନ ଥିଲା। ବାଲ୍ୟ ବିବାହ ରୋକିବା ପାଇଁ ପ୍ରଶାସନ ଜାଣି ବିଫଳ ହୋଇ ଥିବା ବେଳେ ୧୩ ବୟସ୍କ ବାଳିକାର ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ସନ୍ଦେହ ଘେରରେ ରହିଛି। ଏହାର ଉପଯୁକ୍ତ ତଦନ୍ତ କରାଯିବାକୁ ଦାବି ହେଉଛି।

▶ ପୁଲିସକୁ ନ ଜଣାଇ ଶବ ପୋଡ଼ିଦେଲେ
▶ ଆତ୍ମହତ୍ୟା ନା ହତ୍ୟା ?





ଦୂର୍ଗୀ ମା ଗ୍ରାମଦେବୀ ଠାକୁରାଣୀଙ୍କ ଘଣ୍ଟପର୍ବ

# ରାମମନ୍ଦିର ଓ ମସ୍‌ଜିଦକୁ ନେଇ ଶାନ୍ତି ବୈଠକ



ଜୟପୁର, ୨୭।୫(ସମିସ) : ଜୟପୁର ସହରର ପୁରୁଣା ଜାମଲ ସାହି ଶ୍ରୀରାମ ମନ୍ଦିର ଓ ମସ୍‌ଜିଦକୁ ନେଇ ଏକ ଶାନ୍ତି କମିଟି ବୈଠକ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପ-ଜିଲ୍ଲାପାଳ ଯଦୁମଣି ନାୟକଙ୍କ ଅଧ୍ୟକ୍ଷତାରେ ଉଭୟ ହିନ୍ଦୁ ଓ ସିହା ମୁସଲମାନ ସମ୍ପ୍ରଦାୟର ଏହି ଶାନ୍ତି ବୈଠକରେ ୧୦୬ ବର୍ଷର ପୁରୁଣା ଶ୍ରୀରାମ ମନ୍ଦିର ପାର୍ଶ୍ୱକୁ ଲାଗି ସିହା ସମ୍ପ୍ରଦାୟ ପକ୍ଷରୁ ମସଜିଦ ନିର୍ମାଣକୁ ନେଇ ୨୦୨୩ ମସିହାରେ ସ୍ଥାନୀୟ ସନାତନୀ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେତେବେଳେ ତହସିଲଦାର ଯାଞ୍ଚ ସହିତ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଆଜିର ବୈଠକରେ ଉଭୟ ପକ୍ଷ ଜୟପୁର ସହର ଏକ ଭାଇଚାରା ସହର ତେଣୁ ଉଭୟ ପକ୍ଷର ସେମାନେ ମିଳିତ ଭାବେ ସମସ୍ୟା କୌଣସି ଆଗାମୀ ଦିନରେ ସୃଷ୍ଟି ହେବ ନାହିଁ, ସେଥିପ୍ରତି ସହମତି ହେବା ସହିତ ଉଭୟଙ୍କ ପ୍ରୟାସ ଜାରି ରହିବ ବୋଲି ଆଲୋଚନା କରିଥିଲେ। ମସଜିଦରେ ମାଇକ୍ ବ୍ୟବହାର ନ କରିବା, ଆମିଷ ରନ୍ଧନ ଓ ମାଦ୍ରାସା ଭାବେ ବ୍ୟବହାର କରିବାର କୌଣସି ପ୍ରସ୍ତାବ ନାହିଁ ବୋଲି ମୁସଲମାନ ସଂପ୍ରଦାୟ ପକ୍ଷରୁ ପ୍ରକାଶ କରିଥିଲେ। ବାର୍ଷିକ ଶ୍ରୀରାମ ନବମୀ ଏବଂ ମୁସଲମାନ ସମ୍ପ୍ରଦାୟର ରାମଜାନ ପାଳନ ବେଳେ ଉଭୟ ସମ୍ପ୍ରଦାୟର ସହଯୋଗ ରହୁଛି ବୋଲି ଉଭୟ ସମ୍ପ୍ରଦାୟ ପକ୍ଷରୁ କହିଥିଲେ। ବୈଠକରେ ଉପସ୍ଥିତ ରହିଥିବା ଉପ-ଜିଲ୍ଲାପାଳ ଶ୍ରୀ ନାୟକ, ତହସିଲଦାର ସାବ୍ୟସାଚି ଜେନା ଓ ଟାଉନ ଥାନା ପକ୍ଷରୁ ଏସ୍‌ଆଇ ଗୋବନ୍ଦ ଚନ୍ଦ୍ର ହାଂସଦା ଉପସ୍ଥିତ ରହିଥିଲେ । ଏହି ଘଟଣା ନେଇ ଜିଲ୍ଲାପାଳଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବ। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ତେଜେଶ୍ୱର ପଣ୍ଡା, ନବଘନ ରଥ, ଗଙ୍ଗାଧର ନାୟକ, ଆରଏସଏସ ପକ୍ଷରୁ ଡ.ନିରଞ୍ଜନ ମିଶ୍ର, ପି. ନାଗୁ, ନରସିଂହ ଚୌଧୁରୀ, କିରଣମିଶ୍ର ଏବଂ ମୁସଲମାନ ପକ୍ଷରୁ ହାସନ ମାଦାନି, ସୟଦ ଜାଫର ମଦାନୀ, ଆଜାଦ ଅଲ୍ଲି, ରାମଜାନ ଅଲ୍ଲି, ସଜ୍ଜାଦ ହୁସେନ, ସବିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

# ୧ ଜୁନ୍‌ରୁ ଅଗ୍ନିପଥ ଯୋଜନା ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା

ନବରଙ୍ଗପୁର,୨୭।୫(ସମିସ): ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ସକାଶେ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୬-୨୭ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୧ଜୁନ୍ ରୁ ୧୨ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଲକାତାର ନିଯୁକ୍ତି ଜୋନରେ ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ମୋଟ ୧୬ଟି ସହରର ୨୬ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟର ପରୀକ୍ଷା ସାତଟି ସହରରେ ଅନୁଷ୍ଠିତ ହେବ ବାଲେଶ୍ୱର, ବ୍ରହ୍ମପୁର (ଗଞ୍ଜାମ), ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର ରେ ଅନୁଷ୍ଠିତ ହେବ। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜିକରଣ ସମୟ ୧୦ ଏପ୍ରିଲ ୨୦୨୬ ରେ ବନ୍ଦ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାର ପ୍ରାର୍ଥୀମାନେ ଙ୍ଗଙ୍ଗଙ୍ଗ.ହକ୍ସସଭସଭୟସବଭବକ୍ସଙ୍କଛ.ଭସମ.ସଭ ରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ। ସଫଳତାର ସହ ପଞ୍ଜିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ପାଇପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ଙ୍ଗଙ୍ଗଙ୍ଗ.ହକ୍ସସଭସଭୟସବଭବକ୍ସଙ୍କଛ.ଭସମ.ସଭ ୱେବସାଇଟ୍ ପରିଦର୍ଶନ କରିବାକୁ ମଧ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି ସବ୍ ମେଜର, ଆସିଷ୍ଟାଣ୍ଟ ରିକ୍ରୁଇଟିଂ ଅଫିସର, ଆର୍ମି ରିକ୍ରୁଇଟିଂ ଅଫିସ, ଗୋପାଳପୁର ଜଣାଇଛନ୍ତି।

# ଓସିଏସ୍‌ରେ ନବୀନ ପ୍ରସାଦ ଗୁପ୍ତାଙ୍କ ସଫଳତା

କୋଟପାଡ଼, ୨୭।୫ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ କେନ୍ଦୁଗୁଡା ବାସିନ୍ଦା ବୀରେନ୍ଦ୍ର ପ୍ରସାଦ ଗୁପ୍ତା ଓ ମୁନ୍ନି ଦେବୀଙ୍କ ପୁଅ ନବୀନ ପ୍ରସାଦ ଗୁପ୍ତା ଓସିଏସ ପରୀକ୍ଷାରେ ସଫଳ ହୋଇଛନ୍ତି। ସେ ୧୯ ତମ ସ୍ଥାନ ହାସଲ କରିଥିବାରୁ ପରିବାର ତଥା କୋଟପାଡ଼ ଅଞ୍ଚଳରେ ଖୁସିର ମହୋଲ ଦେଖିବାକୁ ମିଳିଛି। ନବୀନଙ୍କ ପିତା ଜଣେ କପଡା ବ୍ୟବସାୟୀ । ସେ ବି ଏସ ସି ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନ କରି ସେଠାରେ ହିଁ କଳା ବିଭାଗରେ ରାଜନୀତି ବିଜ୍ଞାନରେ ଅନର୍ସ ରଖି ପି ଜି କରିଥିଲେ ଏବଂ ଦୁଇ ଦୁଇ ଥର ଓପିଏସସି ପରୀକ୍ଷା ଦେଇଥିଲେ। କିନ୍ତୁ ସଫଳ ହୋଇପାରି ନଥିବା ବେଳେ ତୃତୀୟରେ ଥର ପରୀକ୍ଷା ଦେଇ ସଫଳ ହୋଇଛନ୍ତି। ତାଙ୍କ ସଫଳତାରେ କୋଟପାଡ଼ ବିଧାୟକ ରୁପୁ ଭତରା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ, କୋଟପାଡ଼ ଏନ୍‌ଏସି ଅଧ୍ୟକ୍ଷ ଏମ୍ ଶଙ୍କର ରାଓ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ବରିଷ୍ଠ ଓକିଲ ପଙ୍କଜ ପାତ୍ର, ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ରଞ୍ଜିତ ପଟ୍ଟନାୟକ, ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସହ ଭାରତ ମିଡ଼ିଆର ଅଜୟ ମିଶ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



# କିଡ୍‌ନୀ ରୋଗରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

କୁନ୍ଦୁରା,୨୭।୫(ସମିସ): କିଡନୀ ରୋଗରେ ଆକ୍ରାନ୍ତ ହୋଇ କୁନ୍ଦୁରା ବ୍ଲକ ବାଣ୍ଡୁଆଗୁଡା ଗ୍ରାମ ପଞ୍ଚାୟତ ସେବାଶ୍ରମରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସନ୍ଦୀପ୍ତା ପାତ୍ରଙ୍କ ପରଲୋକ ଘଟିଛି। ସେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ କିଛି ଦିନ ଧରି ଚିକିତ୍ସା ହେଉଥିଲେ। ସନ୍ଦୀପ୍ତାଙ୍କ ବାପା ୮ ବର୍ଷ ପୂର୍ବେ ଦେହାନ୍ତ ଘଟିଥିବା ବେଳେ ରୋଜଗାର କରିବା ନିମନ୍ତେ ସନ୍ଦୀପ୍ତାଙ୍କୁ କଷ୍ଟ କରିବାକୁ ପଡୁଥିଲା। ସେ ଯେହେତୁ ଅତିଥି ଶିକ୍ଷକ ଭାବେ ଥିଲେ କୌଣସି ପ୍ରକାରର ସରକାରୀ ଅନୁକମ୍ପା ମିଳିବା କଷ୍ଟ। ସନ୍ଦୀପ୍ତାଙ୍କ ମା' ଏକାକୀ ହୋଇ ପଡ଼ିଥିବା ବେଳେ ସରକାରଙ୍କ ଅନୁକମ୍ପା ପ୍ରଦାନ ନିମନ୍ତେ ଅନୁରୋଧ କରିଛନ୍ତି।



# ଓସିଏସ୍ ପରୀକ୍ଷାରେ ପୋଷ୍ଟମାଷ୍ଟରଙ୍କ ସଫଳତା



ନାରାୟଣପାଟଣା,୨୭।୫(ସମିସ): ଓସିଏସ୍ ପରୀକ୍ଷାରେ ନାରାୟଣପାଟଣା ବ୍ଲକ ବାଲିପେଟା ପଞ୍ଚାୟତର ବ୍ରାଞ୍ଚ ପୋଷ୍ଟମାଷ୍ଟର ରାଜା ସାହୁ ସଫଳ ହୋଇଛନ୍ତି। ସେ ଏହି ପରୀକ୍ଷାରେ ୮୯ ର୍‌ୟାଙ୍କ ରଖିଛନ୍ତି। ଗତକାଲି ବର୍ଷା ପବନ କାଳବୈଶାଖୀ ଯୋଗୁଁ ଗାଁରେ ବିଜୁଳି ଓ ନେଟୱର୍କ ନଥିବାରୁ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ଖବର ସେ ଆଜି ସାଙ୍ଗ ସାଥିଙ୍କ ଠାରୁ ପାଇଥିଲେ। ରାଜା ସାହୁଙ୍କ ଘର କଟକ ଜିଲ୍ଲା ନରସିଂହପୁର ବ୍ଲକରେ। ଗ୍ରାଜୁଏସନ ପରେ ସେ ୨୦୨୪ ରେ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଭାବେ ନାରାୟଣପାଟଣା ବ୍ଲକ ବାଲିପେଟା ପଞ୍ଚାୟତରେ ନିଯୁକ୍ତି ପାଇଥିଲେ। ଦୁର୍ଗମ ଅଞ୍ଚଳରେ ଚାକାରି କରିବା କଷ୍ଟକର ଥିଲା । ଗରିବ ପରିବାରରୁ ଆସି ଚାକିରି କରି ପରିବାର ଚଳାଇବା ରାଜାଙ୍କ ପାଇଁ ସଂଘର୍ଷମୟ ଥିଲା। ଦିନବେଳା ବିଭାଗ କାମ ସାରି ସନ୍ଧ୍ୟାରେ ଗାଁ ଠାରୁ ୬ କିଲୋମିଟର ତେନ୍ତୁଳିପଦର ଯାଇ ସେଠାରେ ମୋବାଇଲରେ ପଢ଼ି ନିଜକୁ ପ୍ରସ୍ତୁତ କରୁଥିଲେ। ଅଧିକାଂଶ ସମୟ ବିଜୁଳି ନଥିବା ବେଳେ ଦୀପ ଜାଳି ପାଠ ପଢୁଥିଲେ।।ବାପା ବାଞ୍ଛନୀଧ ସାହୁ ଜଣେ ଚାଷୀ ହୋଇଥିବା ବେଳେ ଏକ ମାତ୍ର ପୁଅ ରାଜା ସାହୁ ତୃତୀୟ ଥରରେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ସଫଳତା ପଛରେ କଠିନ ପରିଶ୍ରମ, ମା'ବାପା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଥିବା ସେ କହିଛନ୍ତି। ରାଜାଙ୍କ ସଫଳତା ଖବର ଶୁଣି ତହସିଲଦାର ପ୍ରଭାତୀ ଝଡିଆ ଓ ବିଡିଓ ବିକ୍ରମ କୁମାର ଦୋରା ଶୁଭେଚ୍ଛା ଜଣାଇଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ କାର୍ଯ୍ୟକ୍ରମ



ନବରଙ୍ଗପୁର,୨୭।୫(ସମିସ): ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ ଟି ବ୍ଲକରେ ପର୍ଯ୍ୟାୟ କ୍ରମେ ମେ ୨୫, ୨୬ ଓ ୨୭ ତିନି ଦିନ ଧରି ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୪ ନିର୍ବାଚନ ରିଟର୍ଣ୍ଣି ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସଫଳ ଭାବେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ କାଳ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ




ନବରଙ୍ଗପୁର,୨୭।୫(ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଆନୁକୂଲ୍ୟରେ ପୂର୍ବାଞ୍ଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଅମ୍ରିତ କାଳ ସାଂସ୍କୃତିକ ସମାରୋହ ଅବସରରେ ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମ ୨୭ ତାରିଖରୁ ସାଇ କଲ୍ୟାଣ ମଣ୍ଡପ ଠାରେ ଆରମ୍ଭ ହୋଇଛି । ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଅମୃତକାଳ ସାଂସ୍କୃତିକ ସମାରୋହରେ ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ବିଭବ ପ୍ରଦର୍ଶନ ଏବଂ କଳାକାରମାନଙ୍କ ସହଯୋଗ ଜିଲ୍ଲାର ଲୋକ ନୃତ୍ୟ, ଲୋକ ବାଦ୍ୟ ଓ ସଙ୍ଗୀତକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ପୌରାଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି, ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପର୍ଣ୍ଣ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି ଏବଂ ଏହି ସମାରୋହ ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାର କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରୁଛନ୍ତି। ଜିଲ୍ଲାର ନିଜସ୍ୱ କଳା,ସଂସ୍କୃତି ,ନୃତ୍ୟ, ବାଦ୍ୟ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଏହି ଅମୃତକାଳକୁ ଆହୁରି ଋଦ୍ଧିମନ୍ତ କରିବ। ଜିଲ୍ଲା ପ୍ରଶାସନର ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ ସମାରୋହର ଉଦ୍‌ଘାଟନ ସନ୍ଧ୍ୟାରେ ଓଡିଶୀ ସଂଗୀତ ଓ ନୃତ୍ୟ ଦଳ, ଜିଲ୍ଲା ସାଂସ୍କୃତିକ ସଂଘ, ନବରଙ୍ଗପୁର, ସୋନୁ ମାଝୀ ଢେମସା ନୃତ୍ୟ ଦଳ, ଡାବୁଗାଁ,ନବଝଙ୍କାର ଯୁବ ସଂଗଠନ, ନବରଙ୍ଗପୁର, ଶେଲୋଡି ନୃତ୍ୟ ଦଳ, ଗୋପାଳ ଗୁଡା, ଝରିଗ୍ରାମ, ରିନଯୋଡି ନୃତ୍ୟଦଳ, ତେନ୍ତୁଳୀଖୁଣ୍ଟି ଇତ୍ୟାଦି ସାଂସ୍କୃତିକ ଦଳ ଦ୍ୱାରା ପାରମ୍ପରିକ ନୃତ୍ୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ରାଶି ମଧ ପ୍ରଦାନ କରାଯାଉଛି। ନବରଙ୍ଗପୁର କଳାକାର ମାନଙ୍କୁ ଉତ୍ସାହିତ କରିବାକୁ କଲିକତା ସ୍ଥିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ରଙ୍କ ଉଦ୍ୟମକୁ ସହଯୋଗ ଦେଇଛନ୍ତି ନବରଙ୍ଗପୁର ପ୍ରଶାସନ। ଏହି ଅବସରରେ ଗୁରୁମାନଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ତରଫରୁ ଉଦ୍‌ଘୋଷିକା ଭାବେ ଜି ଭି ବି ରଂଜିତା ମଞ୍ଚ ସଂଚାଳନ କରିଥିଲେ। ବିଭୁ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

